# ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ, ନୂଆପଡା

No. ୨୭୨ / ICDS / Dated: ୧୭-୦୪-୨୬

## ବିଜ୍ଞାପନ

ଏତଦ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଅଧିକାରୀ, ନୂଆପଡାଙ୍କ ଅନ୍ତର୍ଗତ ନିମ୍ନଲିଖିତ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଖାଲି ପଡିଥିବା **୦୧** ଗୋଟି ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ନିମନ୍ତେ ସମ୍ପୃକ୍ତ ଗ୍ରାମର ମହିଳା ପ୍ରାର୍ଥିନୀଙ୍କଠାରୁ online ପୋର୍ଟାଲ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହି ଅଙ୍ଗନୱାଡି କେନ୍ଦ୍ର ନିମନ୍ତେ ମହିଳା ପ୍ରାର୍ଥିନୀ ଆସନ୍ତା **୧୮.୦୪.୨୦୨୬** ଠାରୁ **୦୨.୦୫.୨୦୨୬** ତାରିଖ ସୁଦ୍ଧା କେବଳ **(www.engagement-awc.odisha.gov.in)** ପୋର୍ଟାଲରେ Online ମାଧ୍ୟମରେ ଆବେଦନ କରିପାରିବେ ଏବଂ କୌଣସି ହାତଲେଖା ଆବେଦନକୁ କାର୍ଯ୍ୟାଳୟରେ ଗ୍ରହଣ କରାଯିବନାହିଁ । Online ମାଧ୍ୟମରେ ଆବେଦନ କରିବା ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ କିମ୍ବା ଅସମ୍ପୂର୍ଣ ଆବେଦନ ହୋଇଥିଲେ, ଉକ୍ତ ପ୍ରାର୍ଥିନୀଙ୍କ ଆବେଦନ ପତ୍ରକୁ ବିଚାରକୁ ନିଆଯିବ ନାହିଁ । ଅଙ୍ଗନୱାଡି କର୍ମୀ ମାସିକ ସାମ୍ମାନିକ ବାବଦକୁ **୧୦,୦୦୦** /- ଟଙ୍କା ପ୍ରାପ୍ତ କରିବେ ।

ପ୍ରକାଶ ଥାଉକି ଏହି ବିଜ୍ଞାପନ ଯେ କୌଣସି ସମୟରେ କୌଣସି କାରଣ ନଦର୍ଶାଇ ରଦ୍ଦ କରାଯାଇପାରିବ । ନିମ୍ନରେ ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ରର ବିବରଣୀ ପ୍ରଦାନ କରାଗଲା ।

**ଅଙ୍ଗନୱାଡି କର୍ମୀ ପଦବୀ ଖାଲିଥିବା ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ବିବରଣୀ**

| କ୍ର.ନଂ | ଗ୍ରାମ ପଞ୍ଚାୟତର ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | ସମ୍ପୃକ୍ତ ମଣ୍ଡଳ |
|---|---|---|---|
| ୧ | କୋଟେନଚୁଆଁ | ଛେଲିଲେଣ୍ଡି | ଦର୍ଲିମୁଣ୍ଡା |

## ଆବେଦନ ନିମନ୍ତେ ଯୋଗ୍ୟତା

**(କ) ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ ।**

୧. ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ପରିସରଭୁକ୍ତ ଅଞ୍ଚଳର ହୋଇଥିବେ ।
୨. ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ ଦ୍ୱାଦଶ ପାସ (+୨) କରିଥିବା ଆବଶ୍ୟକ ।
୩. ପ୍ରାର୍ଥିନୀଙ୍କ ବୟସ ତା.**୦୧.୦୧. ୨୦୨୬** ରିଖ ସୁଦ୍ଧା ୧୮ ରୁ ୩୫ ମଧ୍ୟରେ ହୋଇଥିବା ଆବଶ୍ୟକ ।
୪. ଅନାଥ, ବିଧବା, ଆଇନଗତ ଭାବେ ଛାଡପତ୍ର ପାଇଥିବା କ୍ଷେତ୍ରରେ ପାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ । ଏତଦ ବ୍ୟତୀତ ନିମ୍ନରେ ଲିଖତ ଅତିରିକ୍ତ ବିଶେଷ ଅନୁଗ୍ରହ ଅଙ୍ଗନୱାଡି କର୍ମୀ ଚୟନ ସମୟରେ ବିଚାରକୁ ନିଆଯିବ ।

କ. ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି :- ୧୦
ଖ. ବିଧବା :- ୧୦
ଗ. ଅନାଥ ବାଳିକା :- ୧୦
ଘ. ନିରାଶ୍ରୟ / ଆଇନଗତ ଛାଡପତ୍ର / ପରିତ୍ୟକ୍ତା ମହିଳା :- ୦୫
ଙ. +୨ (ଯୁକ୍ତ ଦୁଇ)ରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳା :- ୦୫
ଚ. ଭିନ୍ନକ୍ଷମ ମହିଳା :- ୦୫

୫. ଅଙ୍ଗନୱାଡି କର୍ମୀ ପଦବୀ ପାଇଁ ପ୍ରାର୍ଥିନୀ ଓଡିଆ ଭାଷା ଲେଖି ଓ ପଢି ଜାଣୁ ଥିବା ବାଧ୍ୟତା ମୂଳକ ଅଟେ ଏବଂ ଓଡ଼ିଆ ଭାଷାରେ ଅନ୍ୟୁନ ସପ୍ତମ ଶ୍ରେଣୀ ପାସ କରିଥିବେ ।
୬. ଅଙ୍ଗନୱାଡି କର୍ମୀ ଚୟନ ପାଇଁ ଅଙ୍ଗନୱାଡି କେନ୍ଦ୍ରର ପରିସର ଭୁକ୍ତ ଅଞ୍ଚଳର ପ୍ରାର୍ଥିନୀଙ୍କୁ ପ୍ରାଧାନ୍ୟ ଦିଆଯିବ, ଯଦି କୌଣସି ଉପଯୁକ୍ତ ପ୍ରାର୍ଥିନୀ ଅଙ୍ଗନୱାଡି କେନ୍ଦ୍ରର ପରିସର ଭୁକ୍ତ ଅଞ୍ଚଳର ନମିଳନ୍ତି ତେବେ, ସମ୍ପୃକ୍ତ ଗ୍ରାମର ପ୍ରାର୍ଥିନୀଙ୍କ ଆବେଦନକୁ ବିଚାରକୁ ନିଆଯିବ ।

**(ଖ) ଆବଶ୍ୟକୀୟ ପ୍ରମାଣପତ୍ର (ସମସ୍ତ ପ୍ରମାଣପତ୍ରର ଅବିକଳ ନକଲ ସଂଲଗ୍ନ କରିବେ)**

୧. ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ମାର୍କସିଟ ଓ ସାର୍ଟିଫିକେଟ ।
୨. ବୈଧ ବାସିନ୍ଦା ପ୍ରମାଣ ପତ୍ର ତହସିଲଦାରଙ୍କ ଠାରୁ ପ୍ରାପ୍ତ (ଆବେଦନ ଶେଷ ତାରିଖ ସୁଧା ୫ ବର୍ଷ ରୁ ଅଧିକ ହୋଇ ନଥିବ) ।

P.T.O

୩. ବୈଧ ଜାତିଗତ ପ୍ରମାଣ ପତ୍ର (ତହସିଲଦାରଙ୍କଠାରୁ) ।
୪. ବିଧବା, ଅସହାୟ ମହିଳା, ସ୍ୱାମୀ ପରିତ୍ୟକ୍ତା, ଭିନ୍ନକ୍ଷମ, ଉଚ୍ଚଶିକ୍ଷା ପ୍ରମାଣ ପତ୍ର ।
ବି.ଦ୍ର : କୌଣସି ପରିସ୍ଥିତି ନିର୍ଦ୍ଧାରିତ ତାରିଖ କିମ୍ବା ସମୟ ସୀମା ଅତିବାହିତ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଅସମ୍ପୂର୍ଣ ତଥା ଆବଶ୍ୟକ ପ୍ରମାଣ ପତ୍ର ଅପଲୋଡ ହୋଇନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ। ପ୍ରାପ୍ତ ହୋଇଥିବା ସମସ୍ତ ଅନଲାଇନ ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ପରେ ଯାଞ୍ଚ କରାଯିବ। ଏଣୁ ନିଜର ମୂଳ ପ୍ରମାଣ ପତ୍ର ଗୁଡିକ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା **୦୮.୦୫.୨୦୨୬**_ରିଖ ସମୟ **ସକାଳ ୦୮.00** ଘଟିକାଠାରୁ **ପୂ ୧୨.୩୦** ଘଟିକା ସମୟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ଯାଞ୍ଚ ପ୍ରକ୍ରିୟାରେ ଭାଗ ନେବେ ନଚେତ ଦରଖାସ୍ତ ରଦ୍ଦ କରାଯିବ ଏବଂ ଅନୁପସ୍ଥିତ ଆବେଦନ କାରିଣୀ ସେହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।

ଖାରଜ କିମ୍ବା କାୟମ ହୋଇଥିବା ଆବେଦନକାରୀଙ୍କ ତାଲିକା www.engagement-awc.odisha.gov.in ମାଧ୍ୟମରେ ପ୍ରକାଶ କରାଯିବ। ଯଦି କୌଣସି ଆବେଦନକାରୀଙ୍କ କିଛି ଆପତ୍ତି / ଅଭିଯୋଗ ଥାଏ, ତେବେ ସେମାନେ କେବଳ public login ମାଧ୍ୟମରେ ୦୭ ଦିନ ମଧ୍ୟରେ ଅର୍ଥାତ **୦୯.୦୫.୨୦୨୬ ଠାରୁ ୧୫.୦୫.୨୦୨୬** ମଧ୍ୟରେ ନିଜର ଆପତ୍ତି ଅଭିଯୋଗ ଦାଖଲ କରିପାରିବେ। ସମସ୍ତ ପ୍ରକ୍ରିୟା online ମାଧ୍ୟମରେ ହେବ, କୌଣସି ହାତଲେଖା ଆପତ୍ତି / ଅଭିଯୋଗ ଏହି କାର୍ଯ୍ୟାଳୟରେ ଗ୍ରହଣ କରାଯିବନାହିଁ ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ
ନୂଆପଡା

ପରିପତ୍ର ସଂଖ୍ୟା: ୫୭୭ ତାରିଖ: ୧୭-୦୪-୨୬

ଏହାର ଏକକିତା ନକଲ ଗୋଷ୍ଠୀ ଶିକ୍ଷା ଅଧିକାରୀ, ନୂଆପଡା / ଚିକିତ୍ସାଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଖରିଆର ରୋଡ / ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ନୂଆପଡା/ ସମ୍ପୃକ୍ତ ମଣ୍ଡଳ ପରିଦର୍ଶିକାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୂଆପଡାଙ୍କ ନୋଟିସ ବୋର୍ଡରେ ସଂଲଗ୍ନ ନିମନ୍ତେ ନିବେଦନ କରାଗଲା ।

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମ / ଗ୍ରାମ ପଞ୍ଚାୟତ ବିଜ୍ଞାପନ ଫଳକ / କେନ୍ଦ୍ରାଞ୍ଚଳ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ
ନୂଆପଡା

ପରିପତ୍ର ସଂଖ୍ୟା: ୫୭୮ ତାରିଖ: ୧୭-୦୪-୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ନୂଆପଡା / ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ନୂଆପଡାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ
ନୂଆପଡା